بسم الله الرحمٰن الرحيم

**ଖୁତ୍‌ବା ଜୁମା ୯ ଜୁଲାଇ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହ୍‌ଜରତ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ଏବଂ ଦ୍ୱିତୀୟ ଖଲିଫା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ବିଗତ ଖୁତ୍‌ବାରୁ ହ. ଉମର୍ ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଛି । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ହ. ଉମର୍ ର.ଅ ନିୟମିତ ରୂପେ କଜ଼ା ବିଭାଗ ସ୍ଥାପନ କରିଥିଲେ, ସମସ୍ତ ଜିଲ୍ଲାରେ ନ୍ୟାୟାଳୟମାନ ସ୍ଥାପନ କଲେ ଏବଂ କାଜ଼ି (ବିଚାରକ) ନିଯୁକ୍ତ କଲେ । କାଜିମାନଙ୍କର ଚୟନ କ୍ଷେତ୍ରରେ ଫିକ୍କା (ବିଦ୍ୱାନ୍ ମନିଷୀ) ବିଶେଷଜ୍ଞମାନଙ୍କୁ ମନୋନୀତ କରୁଥିଲେ, ସେମାନଙ୍କର ପରୀକ୍ଷା ନେଉଥିଲେ, ସେମାନଙ୍କୁ ସମ୍ମାନସୂଚକ ଦରମା ପ୍ରଦାନ କରୁଥିଲେ । ଧନୀ ତଥା ସମ୍ମାନିତ ବ୍ୟକ୍ତିଙ୍କୁ କାଜ଼ି ରୂପେ ନିଯୁକ୍ତ କରୁଥିଲେ । କାରଣ ନ୍ୟାୟ ପ୍ରଦାନ ସମୟରେ ବିଚାରକ ଯେପରି କାହାରି ଚାପ ଏବଂ ଭୟ ଦ୍ୱାରା ଭୟଭୀତ ନହେଉ । ହ. ଉମର୍ ର.ଅ ନ୍ୟାୟ ଏବଂ ସମନ୍ୱୟତାର ଏତେ ଧ୍ୟାନ ରଖୁଥିଲେ ଯେ, ଏକଦା ହ. ଉବୈ ବିନ୍ କାଆବ୍ ର.ଅଙ୍କ ସହିତ ଆପଣଙ୍କ ପ୍ରସଙ୍ଗ ହ. ଜୈଦ୍ ବିନ୍ ସାବିତ୍ ର.ଅଙ୍କ ଅଦାଲତରେ ପହଞ୍ଚିଲା । ହ. ଜୈଦ୍ ର.ଅ ଉଭୟ ପକ୍ଷଙ୍କୁ ଡ଼କାଇଲେ ଏବଂ ହ. ଉମର୍ ର.ଅଙ୍କ ପ୍ରତି ସମ୍ମାନ ଜଣାଇଲେ ।

ହ. ଉମର୍ ର.ଅ ଆଇନ ସହିତ ପରିଚିତ ହେବା ପାଇଁ ଦାରୁଲ୍ ଇଫ୍‌ତା ନାମକ ଏକ ବିଭାଗ ସ୍ଥାପନ କଲେ । ସୁତରାଂ ଆପଣ ର.ଅ ହ. ଅଲୀ ର.ଅ, ହ. ଉସ୍‌ମାନ୍ ର.ଅ. ହ. ମୁଆଜ୍ ବିନ୍ ଜବଲ୍ ର.ଅ, ହ. ଅବ୍‌ଦୁର୍ ରହ୍‌ମାନ ବିନ୍ ଔଫ୍ ର.ଅ, ହ. ଉବୈ ବିନ୍ କାଆବ୍ ର.ଅ, ହ. ଜୈଦ୍ ବିନ୍ ସାବିତ୍ ର.ଅ, ହ. ଅବୁ ହୁରୈରାହ୍ ର.ଅ ଓ ହ. ଅବୁ ଦର୍‌ଦା ର.ଅଙ୍କ ନାମ ପଞ୍ଜିକୃତ କରି କହିଲେ ଯେ, ଏହି ବ୍ୟକ୍ତିମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଠାରୁ ଫତ୍‌ୱା (ଧର୍ମାଜ୍ଞା/ଦେଶ) ଗ୍ରହଣ କରାଯିବ ନାହିଁ । ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ହ. ଉମର୍ ର.ଅଙ୍କ କାଳରେ ଜଣେ ବଡ଼ ସାହାବି ପ୍ରାୟତଃ ତାଙ୍କ ନାମ ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ଥିଲା, ସେ ଲୋକଙ୍କୁ କୌଣସି ସମସ୍ୟା ସଂପର୍କରେ କହିଲେ । ଅତଏବ ହ. ଉମର୍ ର.ଅଙ୍କୁ ଯେତେବେଳେ ଏ ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ର.ଅ ଶୀଘ୍ର ତାଙ୍କୁ କାରଣ ଦର୍ଶାଅ ପାଇଁ କହିଲେ ଏବଂ କହିଲେ କ'ଣ ତୁମେ ଅମୀର୍ ଅଟ ? କିମ୍ବା ତୁମକୁ ଅମୀର୍ ନିଯୁକ୍ତ କରିଛି ? ଯେ, ତୁମେ ଖାଲି ଫତ୍‌ୱା ଦେଉଥିବ ! ପ୍ରକୃତରେ ଯଦି ସମସ୍ତ ଲୋକେ ଫତ୍‌ୱା ଦେବାକୁ ଅଧିକାର ପ୍ରଦାନ କରାଯାଏ ତାହାହେଲେ ଅତ୍ୟନ୍ତ କଷ୍ଟକର ସମସ୍ୟା ଉତ୍ପନ୍ନ ହୋଇଯିବ ଏବଂ ଜନସାଧାରଣଙ୍କ ପାଇଁ ଅନେକ ଫତ୍‌ୱା ପରୀକ୍ଷାର କାରଣ ହୋଇଯିବେ । ହ. ଉମର୍ ର.ଅ ଦେଶରେ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ବଜାରର ନିରୀକ୍ଷଣ ପାଇଁ ଅହ୍‌ଦାସ୍ ଅର୍ଥାତ ପୋଲିସ୍ ବିଭାଗ ସ୍ଥାପନ କରିଥିଲେ ଏବଂ ନିୟମିତ କାରାଗାର ନିର୍ମାଣ କରାଯାଇଥିଲା ।

୧୫ ହିଜରୀରେ ବାହାରେନରୁ ୫ ଲକ୍ଷ ଅର୍ଥ ଆସିଲା, ତେବେ ସମସ୍ତ ସାହାବାମାନଙ୍କ ପରାମର୍ଶ କ୍ରମେ ମଦିନାରେ ବୈତୁଲ୍ ମାଲ ବ୍ୟବସ୍ଥା ବା ବିଭାଗ ସ୍ଥାପନ କରିଥିଲେ । ହ. ଅବ୍‌ଦୁଲ୍ଲାଃ ବିନ୍ ଅର୍କମ୍ ରାଜକୋଷ ବିଭାଗର

ଅଫିସର ନିଯୁକ୍ତ ହେଲେ । ହ. ଉମର୍ ର.ଅ ଅଟ୍ଟାଳିକା ନିର୍ମାଣରେ ମିତବ୍ୟୟତା ଅବଲମ୍ବନ କରିଥିଲେ । କିନ୍ତୁ ଆପଣ ର.ଅ ବୈତୁଲ୍ ମାଲ୍ ବିଭାଗ ପାଇଁ ଭବ୍ୟ ଭବନ ନିର୍ମାଣ କଲେ ଏବଂ ତାଙ୍କ ଉପରେ ପ୍ରହରୀମାନେ ନିଯୁକ୍ତ ହୋଇଥିଲେ । ଏକଦା ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ହ. ଉସ୍‌ମାନ୍ ର.ଅଙ୍କ ସ୍ୱାଧୀନ ପ୍ରାପ୍ତ ଦାସ ସହିତ ନଜଦ୍ ଅଭିମୁଖେ 'ଆଲିୟା' ଉପତ୍ୟକାରେ ଥିଲେ କି ସମ୍ମୁଖରୁ ଜଣେ ବ୍ୟକ୍ତି ଦୁଇଟି ଯୁବ ଓଟକୁ ଘଉଡ଼ାଇ ଆଣୁଥିବାର ଦୃଶ୍ୟମାନ ହେଲା । ହ. ଉସ୍‌ମାନ୍ ର.ଅ କହିଲେ, ଉକ୍ତ ବ୍ୟକ୍ତିକୁ କ'ଣ ହୋଇଯାଇଛି ? ଯଦି ଏହି ବ୍ୟକ୍ତି ମଦିନାରେ ରହି ଥାଆନ୍ତା ଏବଂ ପାଗ ଥଣ୍ଡା ହେବା ପରେ ବାହାରି ଥାଆନ୍ତା ତାହାହେଲେ ଏହା ତା' ପକ୍ଷରେ ଉତ୍ତମ ହୋଇଥାଆନ୍ତା । ଯେତେବେଳେ ସେହି ବ୍ୟକ୍ତି ନିକଟବର୍ତ୍ତୀ ହେଲା ସେତେବେଳେ ଏହା ଜଣା ପଡ଼ିଲା ଯେ, ସେହି ହେଉଛନ୍ତି ହ. ଅମୀରୁଲ୍ ମୁମିନିନ୍ ହ. ଉମର୍ ବିନ୍ ଖତ୍ତାବ୍ ର.ଅ । ଆପଣ ର.ଅ କହିଲେ ସଦ୍‌କା (ଦାନ)ର ଓଟ ମଧ୍ୟରୁ ଗୋଟିଏ ଓଟ ପଛରେ ରହିଯାଇଥିଲା, ତେଣୁ ମୁଁ ଶଙ୍କି ଯାଇଥିଲି ଏବଂ ମନର ଏହି କଥା ଭାବିଲି ଯେ, ଯଦି ଏହି ଦୁଇଟି ଓଟ ମୋ ଦ୍ୱାରା ହଜି ଯାଆନ୍ତି ତାହାହେଲେ ଅଲ୍ଲାଃତାଲା ମୋତେ ଏ ପ୍ରସଙ୍ଗରେ ଅବଶ୍ୟ ପ୍ରଶ୍ନ କରିବେ ।

ହ. ଉସ୍‌ମାନ୍ ର.ଅ କହିଲେ ଯେଉଁ ବ୍ୟକ୍ତି ଏହା ଚାହୁଁଛି ଯେ, '**ଅଲ୍ କୱିଉଲ୍**' ଅମୀନ୍ ଅର୍ଥାତ ଶକ୍ତିଶାଳୀ ସନ୍ତକରକ୍ଷୀକୁ ଦେଖୁ, ତେବେ ସେ ଏହି ବ୍ୟକ୍ତିକୁ ଦେଖିନେଉ । ଅନ୍ୟ ଏକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ଉମର୍ ବିନ୍ ନାଫେ ଅବୁ ଇସାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ହ. ଅବୁ ଇସା କହୁଥିଲେ ଯେ, ମୁଁ ହ. ଉମର୍ ବିନ୍ ଖତ୍ତାବ୍, ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ଓ ହ. ଅଲୀ ବିନ୍ ତାଲିବ୍ ର.ଅଙ୍କ ସହିତ ସଦ୍‌କା (ଦାନ) ସମୟରେ ଆସିଥିଲି । ହ. ଉସ୍‌ମାନ୍ ର.ଅ ଛାୟୀ ତଳେ ବସିଡି ପଡ଼ିଲେ ଏବଂ ହ. ଅଲୀ ର.ଅ ତାଙ୍କ ନିକଟରେ ଛିଡ଼ା ହୋଇ ସେହି କଥାଗୁଡ଼ାକ ତାଙ୍କୁ କହି ଯାଉଥିଲେ, ଯେଉଁ କଥାଗୁଡ଼ିକ ହ. ଉମର୍ ର.ଅ କହୁଥିଲେ । ପ୍ରଚଣ୍ଡ ଗ୍ରୀଷ୍ମ ସତ୍ତ୍ୱେ ହ. ଉମର୍ ର.ଅ ଖରାରେ ଛିଡ଼ା ହୋଇଥିଲେ ଏବଂ ଆପଣଙ୍କ ନିକଟରେ ଦୁଇଟି କଳା ଚାଦର ଥିଲା । ଗୋଟିଏ ଚାଦରର ଆପଣ ର.ଅ ପ୍ରକଚ୍ଛ ବାନ୍ଧି ନେଇଥିଲେ ତ' ଆଉ ଗୋଟିଏ ଚାଦର ଆପଣ ର.ଅ ନିଜ ମୁଣ୍ଡ ଉପରେ ପକେଇଥିଲେ ଏବଂ ସଦ୍‌କାର ଓଟଗୁଡ଼ିକୁ ନୀରିକ୍ଷଣ କରୁଥିଲେ । ଓଟର ରଙ୍ଗ ଏବଂ ବୟସ ଲେଖୁଥିଲେ । ହ. ଅଲୀ ର.ଅ ହ. ଉସ୍‌ମାନ୍ ର.ଅଙ୍କୁ କହିଲେ ଯେ, କିତାବୁଲ୍ଲାଃ (ଅଲ୍ଲାଃତାଲାଙ୍କ ପୁସ୍ତକ)ରେ ତୁମେ ଶୁଏବ୍ ଅ.ସଙ୍କ ସୁପୁତ୍ରୀଙ୍କ ଏହି କଥାଟି ଶୁଣିଛ ? ଯେ, **ଇନ୍ନା ଖୈରା ମନିସ୍ତାଜରତଲ୍ କୱିଉଲ୍ ଅମିନ୍** । ନିଃସନ୍ଦେହ ଯେଉଁ ବ୍ୟକ୍ତିକୁ ବି ତୁମେ ଚାକର ରଖିବ, ସେହି ଚାକର ମଧ୍ୟରେ ସର୍ବଶ୍ରେଷ୍ଠ ବ୍ୟକ୍ତି ସେହି ବ୍ୟକ୍ତି ହିଁ ସାବ୍ୟସ୍ତ ହେବ ଯିଏ ଶକ୍ତିଶାଳୀ ଏବଂ ସନ୍ତକରକ୍ଷୀ ଥିବ । ପୁନଶ୍ଚ ହ. ଅଲୀ ର.ଅ ହ. ଉମର୍ ର.ଅଙ୍କ ଆଡ଼କୁ ଇଙ୍ଗିତ କରି କହିଲେ ଯେ, ଏ ହିଁ ହେଉଛନ୍ତି ସେହି ଶକ୍ତିଶାଳୀ ସନ୍ତକରକ୍ଷୀ ବ୍ୟକ୍ତି ।

ଏକଦା ହ. ଉମର୍ ର.ଅ ବୈତୁଲ୍ ମାଲ୍‌ର ଅର୍ଥରୁ କିଛି ଅର୍ଥ ବାଣ୍ଟୁଥିଲେ କି ତାଙ୍କ ସୁପୁତ୍ରୀ ଆସିଲେ ଏବଂ ଗୋଟିଏ ଦିର୍‌ହମ୍ (ଆରବୀୟ ମୁଦ୍ରା) ନିଜ ପାଟିରେ ପକାଇ ନେଲା । ହ. ଉମର୍ ର.ଅ ପାଟି ଭିତରେ ଆଙ୍ଗୁଠି ପୁରାଇ ଉକ୍ତ ଦିର୍‌ହମ୍ ବାହାର କରିଥିଲେ ଏବଂ କହିଲେ ହେ ଲୋକମାନେ ! ଉମର୍ ଓ ତାଙ୍କ ପରିବାର ପାଇଁ ସେତିକି ହିଁ  ଅଧିକାର ରହିଛି ଯେତିକି ମୁସଲମାନମାନଙ୍କର ଅଧିକାର ରହିଛି । ସେହିପରି ଏକଦା ହ. ଅବୁ ମୁସା ର.ଅ ବୈତୁଲ୍ ମାଲ୍‌ରେ ପହଁରା ଦେଉଥିଲେ କି ତାଙ୍କୁ ଗୋଟିଏ ଦିର୍‌ହମ୍ ମିଳିଲା । ଦୈବାତ୍ ହ. ଉମର୍ ର.ଅଙ୍କ ଏକ ଛୋଟ ବାଳକ ଅତିକ୍ରମ କରୁଥିଲା, ଅବୁ ମୁସା ର.ଅ ସେହି ବାଳକଟିକୁ ପଚାରିଲେ ଏବଂ ପୁନଶ୍ଚ ଅବୁ ମୁସା ର.ଅଙ୍କୁ କହିଲେ ଯେ, ହେ ଅବୁ ମୁସା ! କ'ଣ ମଦିନାବାସୀଙ୍କ ମଧ୍ୟରୁ ହ. ଉମର୍ ର.ଅଙ୍କ ପରିବାର ଠାରୁ ଅଧିକ ହୀନ ଓ ଅଭାବି ତୋ ନିକଟରେ ଅନ୍ୟ କୌଣସି ଘର ନଥିଲା । ତୁ ଚାହିଁଥିଲୁ ଯେ, ମୁହମ୍ମଦ୍ ସ.ଅଙ୍କ ସଂପ୍ରଦାୟରୁ କୌଣସି ବ୍ୟକ୍ତି ଜୀବିତ ନରହୁ । କିନ୍ତୁ ସେ ଆମମାନଙ୍କ ଠାରୁ ସେହି ଅତ୍ୟାଚାର ସଂପର୍କରେ ପଚାରିବ ।

ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଯଥା ଜଳସେଚନ ବ୍ୟବସ୍ଥା ପାଇଁ ହ. ଉମର୍ ର.ଅ କେନାଲ୍ ଖନନ କଲେ । ଯେତେବେଳେ ୧୮ ହିଜରୀରେ ଦୁର୍ଭିକ୍ଷ ପଡ଼ିଲା ସେତେବେଳେ ହ. ଉମର୍ ର.ଅଙ୍କ ଆଦେଶ କ୍ରମେ ହ. ଉମର୍ ବିନ୍ ଆସ୍ ର,ଅ ଫୁସ୍‌ତାତ୍ ଠାରୁ କୁଲ୍‌ଜୁମ୍ ଦରିଆ ପର୍ଯ୍ୟନ୍ତ କେନାଲ ଖନନ କଲେ, ଯାହା ମାଧ୍ୟମରେ ସାମୁଦ୍ରିକ

ଜାହାଜମାନ ଯଦାହ୍ ସାମୁଦ୍ରିକ ବନ୍ଦର ପର୍ଯ୍ୟନ୍ତ ପହଞ୍ଚି ଯାଉଥିଲା । ସେହିପରି ହ. ଉମର୍ ର.ଅ ଜନସାଧାରଣଙ୍କ ସୁବିଧା ପାଇଁ ମସ୍‌ଜିଦ୍, ଅଦାଲତ୍, ସେନା ଛାଉଣୀ, ବ୍ୟାରିଗେଟ୍, ସଡ଼କ ନିର୍ମାଣ, ପୋଲ ନିର୍ମାଣ, ଅତିଥିଶାଳ, ପାନ୍ଥଶାଳ, ଫାଣ୍ଡି ମଧ୍ୟ ନିର୍ମାଣ କରିଥିଲେ । ଅନେକ ସହର ହ. ଉମର୍ ର.ଅ ଜନବସତିଯୋଗ୍ୟ କରିଥିଲେ । ଆପଣ ର.ଅ ସୈନ୍ୟ ବ୍ୟବସ୍ଥାକୁ ମଧ୍ୟ ଶୃଙ୍ଖଳିତ କରିଥିଲେ । ସେନାର ପଦବୀ ଅନୁଯାୟୀ ପଦାଧିକାରୀମାନଙ୍କର ଦରମା ଧାର୍ଯ୍ୟ କରୁଥିଲେ । ଆପଣ ର.ଅ ସୈନିକମାନଙ୍କୁ ଶୃଙ୍ଖଳିତ କରିବା ପ୍ରତି ଅନେକ ଧ୍ୟାନ ଦେଇଥିଲେ । ଅତଏବ ଆପଣ ର.ଅଙ୍କ ତାଗିଦ୍‌ମୂଳକ ସୈନ୍ୟମାନଙ୍କୁ ଆଦେଶ ଥିଲା କି ବିଜିତ ରାଷ୍ଟ୍ରରେ କୌଣସି ବ୍ୟକ୍ତି କୃଷି କିମ୍ବା ବ୍ୟବସାୟିକ ବୃତ୍ତି ଅବଲମ୍ବନ ନକରୁ । ଆଜିକାଲି ମୁସଲମାନ ରାଷ୍ଟ୍ରଗୁଡ଼ିକରେ କେବଳ ସୈନ୍ୟମାନେ ବାଣିଜ୍ୟ ବ୍ୟବସାୟରେ ଅଭ୍ୟସ୍ତ ଅଛନ୍ତି ତାହା ନୁହେଁ ବରଂ ଏକ ରାଷ୍ଟ୍ର ସଂପର୍କରେ ଏହା ମଧ୍ୟ କୁହାଯାଏ ଯେ, ସେନାର ବଡ଼ ବଡ଼ ଅଫିସରମାନେ ଏହା ଦେଖୁଥାନ୍ତି ଯେ, କେଉଁଠି ପ୍ଲଟ୍ ଆଲଟମେଣ୍ଟ ହେବାର ଅଛି ସେଠାରେ ସେମାନେ କମିଶନ ମଧ୍ୟ ନେଉଛନ୍ତି । ଏହିପରି ଭାବରେ ସେହି ସୈନ୍ୟମାନଙ୍କର ବ୍ୟକ୍ତିଗତ ଦକ୍ଷତାରେ ମଧ୍ୟ ଅବନତି ଘଟିଥାଏ। ହ. ଉମର୍ ର.ଅଙ୍କ ଖିଲାଫତ୍ ଶାସନରେ ଉଭୟ ଗ୍ରୀଷ୍ମ ପ୍ରବଣ ଓ ଶୀତଳ ଦେଶମାନଙ୍କ ଉପରେ ଆକ୍ରମଣ କରି ପାଣିପାଗର ଧ୍ୟାନ ରଖାଯାଉଥିଲା । ସୈନ୍ୟବାହୀନୀକୁ ପରିଶ୍ରମୀ ଏବଂ ଯୁଦ୍ଧ ସରଞ୍ଜାମ ଦ୍ୱାରା ଅଳଙ୍କୃତ କରାଯାଉଥିଲା ।

ଇସ୍‌ଲାମୀୟ ସରକାର ଅଧୀନ ଅନେକ ଅଣମୁସଲମାନ ସଂପ୍ରଦାୟର ବ୍ୟକ୍ତିମାନେ ମଧ୍ୟ ବଡ଼ ବଡ଼ ପଦବୀରେ ଅଧିଷ୍ଠିତ ହେଉଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଉମର୍ ର.ଅ ଯୁଦ୍ଧ ବିଭାଗକୁ ଯେଉଁ ବିସ୍ତୃତିକରଣ ତଥା ସ୍ୱାଧୀନତା ପ୍ରଦାନ କରିଥିଲେ ସେଥିପାଇଁ ସେ ଅନ୍ୟ କୌଣସି ଅଣ ସଂପ୍ରଦାୟ ଓ ଅଣ ମୁସଲମାନ ରାଷ୍ଟ୍ରମାନଙ୍କୁ ଚିହ୍ନଟ କରି ନଥିଲେ । ସେନାରେ ଅନେକ ଅଗ୍ନୀପୂଜକ ସ୍ୱେଚ୍ଛାସେବୀମାନେ ସାମିଲ୍ ଥିଲେ। ଇତିହାସରୁ ଏହା ପ୍ରମାଣିତ ଯେ, ହ. ଉମର୍ ର.ଅଙ୍କ ଶାସନକାଳରେ ଅଣ ସଂପ୍ରଦାୟର ବ୍ୟକ୍ତିଙ୍କୁ ଯୁଦ୍ଧ ସମୟରେ ସେନାଧିକାରୀ ରୂପେ ନିଯୁକ୍ତ କରାଯାଉଥିଲା ।

ଅତଏବ ଇସ୍‌ଲାମ୍ ଧର୍ମ ମୂଲ୍ୟ ବୃଦ୍ଧି ଏବଂ ମହଙ୍ଗା ବ୍ୟବହାର ତଥା ଅପଚୟ କରିବାରୁ ରୋକିଛି । ସେହିପରି ଅନ୍ୟମାନଙ୍କୁ କ୍ଷତି ପହଞ୍ଚାଇବା ଏବଂ ସେମାନଙ୍କୁ ବାଣିଜ୍ୟ ବ୍ୟବସାୟରେ କ୍ଷତି ପହଞ୍ଚାଇବା ତଥା ସେମାନଙ୍କୁ (ଲୋକମାନଙ୍କୁ) ବ୍ୟବସାୟରେ ଫେଲ୍ (ଅକୃତକାର୍ଯ୍ୟ) କରିବା ସକାଶେ ମୂଲ୍ୟ ହ୍ରାସ କରିବାରୁ ମଧ୍ୟ ବାରଣ କରିଛି । ପ୍ରତିଯୋଗୀତାରେ ସ୍ୱଳ୍ପ ମୂଲ୍ୟ କରିବାରୁ ମଧ୍ୟ ବାରଣ କରିଛି । ହ. ଉମର୍ ର.ଅଙ୍କ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଏହା ଉଲ୍ଲେଖ ରହିଛି ଯେ, ହ. ଉମର୍ ର.ଅ ଶିକ୍ଷାର ପ୍ରସାର ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ସମସ୍ତ ଦେଶରେ ମାଦ୍ରାସାଗୁଡ଼ିକ ସ୍ଥାପନ କରାଯାଇଥିଲା, ଯେଉଁ ମାଦ୍ରାସାଗୁଡ଼ିକରେ ପବିତ୍ର କୁରଆନ୍, ହଦିସ୍ ଏବଂ ଫିକ୍‌କାର ଶିକ୍ଷା ଦିଆଯାଉଥିଲା । ବଡ଼ ବଡ଼ ବିଦ୍ୱାନ୍ ସାହାବାମାନଙ୍କୁ ଶିକ୍ଷା ଓ ସଂସ୍କାର କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ଏବଂ ଶିକ୍ଷକମାନଙ୍କର ଦରମା ମଧ୍ୟ ନିର୍ଦ୍ଧାରିତ ହୋଇଥିଲା । ସେହିପରି ହିଜ୍‌ରୀ କ୍ୟାଲେଣ୍ଡର ମଧ୍ୟ ହ. ଉମର୍ ର.ଅଙ୍କ କାଳରେ ଆରମ୍ଭ ହୋଇଥିଲା । କିନ୍ତୁ ଏହାର ପ୍ରାରମ୍ଭ ଆଁହଜରତ ସ.ଅଙ୍କ ମଦିନା ପ୍ରବାସ ଠାରୁ ହିଁ କରାଗଲା । ବରଂ ଆଁହଜରତ ସ.ଅଙ୍କ ମଦିନା ଆଗମନ ଠାରୁ ହିଁ  ହିଜ୍‌ରୀ ତାରିଖ ବା ବର୍ଷ ଗଣନା କରାଯାଏ । ହିଜ୍‌ରୀ ତକ୍‌ୱିମ୍ (ଜନ୍ତ୍ରୀ/ପଞ୍ଜାଙ୍ଗ)ର ପ୍ରାରମ୍ଭ କିଏ କଲା ? ଏହି କ୍ୟାଲେଣ୍ଡର ସଂପର୍କରେ ଭିନ୍ନ ଭିନ୍ନ ମତାମତ ରହିଛି । ପଞ୍ଜାଙ୍ଗ ପ୍ରବାସ କେଉଁ ବର୍ଷ ହେଲା ଏ ସଂକ୍ରାନ୍ତରେ ମଧ୍ୟ ଭିନ୍ନ ଭିନ୍ନ ମତାମତ ରହିଛି ଯେ, ଏହି କ୍ୟାଲେଣ୍ଡର କେବେ ଆରମ୍ଭ ହେଲା ? କେତେକ କହନ୍ତି ୧୬ ହିଜ୍‌ରୀରେ ଆରମ୍ଭ ହୋଇଥିଲା ତ' ଆଉ କେତେକଙ୍କ ନିକଟରେ ୧୭ ହିଜ୍‌ରୀରେ ହୋଇଥିଲା । ପୁନଶ୍ଚ କେତେକ ୧୮ ହିଜ୍‌ରୀ କହନ୍ତି ତ' ଆଉ କେତେକଙ୍କ ନିକଟରେ ୨୧ ହିଜ୍‌ରୀରେ ହୋଇଥିଲା। କିନ୍ତୁ ସେ ଯାହା ହେଉ ନା କାହିଁକି ଏହି କଥା ଉପରେ ଅନେକ ଲୋକେ ସହମତ ଅଟନ୍ତି ଯେ, ହ. ଉମର୍ ର.ଅଙ୍କ ଶାସନରେ ଏହି କ୍ୟାଲେଣ୍ଡର ବିମୋଚନ ବା ଜାରି ହୋଇଥିଲା ।

ଇସ୍‌ଲାମୀୟ ମୁଦ୍ରା, ସାଧାରଣ ଐତିହାସିକଙ୍କ ନିକଟରେ ଆରବ ଦେଶରେ ସର୍ବପ୍ରଥମ ମୁଦ୍ରା ଅବ୍‌ଦୁଲ୍ ମଲିକ୍ ବିନ୍ ମୁର୍‌ୱାନ ପ୍ରଚଳନ କରିଥିଲେ । ପବିତ୍ର ମଦିନା ନଗରୀର କେତେକ ଐତିହାସିକ କହିଲେ ଯେ, ସର୍ବପ୍ରଥମ ଇସ୍‌ଲାମୀୟ ମୁଦ୍ରା ହ. ଉମର୍ ର.ଅ ଶାସନରେ ପ୍ରଚଳନ ହୋଇଥିଲା । ସେହି ମୁଦ୍ରା ଉପରେ **ଅଲ୍ ହମ୍‌ଦୁ ଲିଲ୍ଲାଃ** ଅଙ୍କିତ/ଖୋଦିତ ହୋଇଥିଲା ଏବଂ ଅନ୍ୟ ମୁଦ୍ରା ଉପରେ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ ଖୋଦିତ ହୋଇଥିଲା । ସେହିପରି ଆଉ କେତେକ ମୁଦ୍ରା ଉପରେ **ଲା ଇଲାହା ଇଲ୍ଲଲ୍ଲାଃହୁ ୱହଦହୁ** ଖୋଦିତ ହୋଇଥିଲା । ଏକ ଗବେଷଣା ଅନୁଯାୟୀ ସର୍ବପ୍ରଥମ ଇସ୍‌ଲାମୀୟ ମୁଦ୍ରା ଦମିଶ୍‌କ୍‌ରେ ୧୭ ହିଜ୍‌ରୀରେ ହ. ଉମର୍ ର.ଅଙ୍କ ଖିଲାଫତ୍‌ରେ ପ୍ରଚଳନ ହୋଇଥିଲା ।

ପୁନଶ୍ଚ ହ. ଉମର୍ ର.ଅ କେଉଁ କେଉଁ କଥା ଆରମ୍ଭ କଲେ, କେଉଁ କଥା ରହିଛି ଯାହାକୁ **ଅୱଲିୟତେ ଫାରୁକି** ନାମରେ ନାମିତ କରାଯାଏ । ଅଲ୍ଲାମା ଶିବ୍‌ଲୀ ନୁମାନୀ ନିଜର ପୁସ୍ତକ ଅଲ୍ ଫାରୁକ୍‌ରେ ଉଲ୍ଲେଖ କରନ୍ତି ଯେ, ହ. ଉମର୍ ର.ଅ ପ୍ରତ୍ୟେକ ମାଧ୍ୟମକୁ ବିନିଯୋଗ ଯେଉଁ ଯେଉଁ ନୂତନ କଥା ଉଦ୍ଭାବନ କଲେ ସେହି କଥାଗୁଡ଼ିକୁ ଐତିହାସିକମାନେ ଏକତ୍ରିତ ଭାବରେ ଉଲ୍ଲେଖ କରିଛନ୍ତି ଏବଂ ତାହାକୁ **ଅୱଲିୟାତେ** କୁହାଯାଏ । ଅଲ୍ଲାମା ଶିବ୍‌ଲି ଉଲ୍ଲେଖ କରନ୍ତି ଯେ, ହ. ଉମର୍ ର.ଅଙ୍କ ଆହୁରି ଅନେକ ଅୱଲିୟାତ୍ ରହିଛି ଯେଉଁଗୁଡ଼ିକୁ ଆମେମାନେ ଦୀର୍ଘତା ଭୟରେ ଲେଖନୀ ଅନ୍ତର୍ଭୁକ୍ତ କରିନାହୁଁ ।

ସେ ଯାହା ହେଉ ନା କାହିଁକି ହ. ଉମର୍ ର.ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଆଲୋଚନା ହେବ । ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଯନାଜାଃ ସଂପର୍କରେ ମଧ୍ୟ ଚର୍ଚ୍ଚା କରିବାକୁ ଚାହୁଁଛି । ନମାଜ ଜୁମା ପରେ ମୁଁ ଏମାନଙ୍କ ନମାଜ ଯନାଜାଃ ଗାଏବ୍ ମଧ୍ୟ ପଢାଇବି ।

ତନ୍ମଧ୍ୟରୁ ପ୍ରଥମ ମୃତକ ହେଲେ ସ୍ୱର୍ଗତ **(SURIPTO HADI SISWOYO)** ସୋରିପ୍‌ତୋ ହାଦି ସିସ୍‌ୱୋୟୋ ସାହେବଙ୍କର । ସ୍ୱର୍ଗତ ଇଣ୍ଡୋନେସିଆର ଅଧିବାସୀ ଥିଲେ । ପରବର୍ତ୍ତୀ ଯନାଜାଃ ହେଉଛି ଚୌଧୁରୀ ଅହେମଦ ଭଟ୍ଟି ସାହେବଙ୍କର । ସ୍ୱର୍ଗତଙ୍କ ପିତାଙ୍କ ନାମ ଇଲାହ୍ ଦାଦ୍ ସାହେବ ଥିଲା ଏବଂ ସେ ଘୋଡ଼ୋ ଥାନା ଅନ୍ତର୍ଗତ ନନ୍‌କାନା ଜିଲ୍ଲାର ଅଧିବାସୀ ଥିଲେ । ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ଅଲୀ ଖାନ୍ ସାହେବଙ୍କର । ସେ ପେଶାୱର୍ ଜିଲ୍ଲାର ଅଧିବାସୀ ଓ ଶରୀଫୁଲ୍ଲାଃ ଖାନ୍ ସାହେବଙ୍କର ସୁପୁତ୍ର ଥିଲେ । ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ସାହେବ୍‌ଜାଦା ମେହ୍‌ଦୀ ଲତିଫ୍ ସାହେବଙ୍କର । ସେ ଆମେରିକା ଅନ୍ତର୍ଗତ ମେରିଲ୍ୟାଣ୍ଡର ଅଧିବାସୀ ଥିଲେ । ପରବର୍ତ୍ତୀ ଯନାଜାଃ ହେଉଛି ସ୍ୱର୍ଗତ ଫୈଜାନ୍ ଅହେମଦ ସମୀର୍ ସାହେବଙ୍କର । ସେ ଶେହ୍‌ଜାଦ୍ ଅକ୍‌ବର୍ ସାହେବଙ୍କର ସୁପୁତ୍ର ଥିଲେ । ସ୍ୱର୍ଗତଙ୍କ ପିତା ରବ୍‌ୱା ସ୍ଥିତ ପ୍ରାଇଭେଟ୍ ସେକ୍ରେଟାରୀ କାର୍ଯ୍ୟାଳୟର ଜଣେ କର୍ମଚାରୀ ଅଟନ୍ତି ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a

9th July 2021